ପର୍ଯ୍ୟବେକ୍ଷକ
ଭୁବନେଶ୍ୱର, ୨୦୧୧, ଫେବୃଆରୀ ୨୪

# ଜରୁରୀକାଳୀନ ପରିସ୍ଥିତିରେ ପିଲାଙ୍କୁ ରକ୍ଷା କରିବାକୁ ନେଇ କର୍ମଶାଳା ଆୟୋଜିତ

ଭୁବନେଶ୍ୱର, ୨୩।୨ (ପି.ଏନ): ଓଡିଶାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବାରୁ ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ପିଲାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥାଏ । ତେଣୁ ତାଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୋଲି ବିଭିନ୍ନ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ଶିଶୁ ମାନଙ୍କୁ କିପରି ରକ୍ଷା କରାଯାଇପାରିବ ତାକୁ ନେଇ ଆୟୋଜିତ ଏକ କର୍ମଶାଳା ରେ ବିଶେଷଜ୍ଞ ମାନେ ଏହି ମତ ଦେଇଛନ୍ତି । ସେଭ ଦି ଚିଲଡ୍ରେନ ଓ ପିକକ୍ ଦ୍ୱାରା ଏହି କର୍ମଶାଳାର ଆୟୋଜନ କରାଯାଇଛି । କର୍ମଶାଳାରେ ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି, ସେଭ ଦି ଚିଲଡ୍ରେନର ଶଶାଙ୍କ କୁମାର ପାଢୀ, ଶାନ୍ତାରାମ ନନ୍ଦ, ୟୁନିସେଫ, ଓଡିଶା କାର୍ଯ୍ୟାଳୟର ଚାଇଲ୍ଡ ପ୍ରୋଟେକ୍ସନ ଅଫିସର ଲକ୍ଷ୍ମୀ ନାରାୟଣ ନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର କେ.ବି.ଦାଶ, ଓସେଡମାର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଜ୍ଞାନ ରଞ୍ଜନ ଦାସ ଓ ଅନ୍ୟମାନେ ଯୋଗ ଦେଇଥିଲେ ।

ନକ୍ଷତ୍ରଜ୍ୟୋତି
The Nakshatra Jyoti
ଗୁରୁବାର ୨୪ ଫେବୃଆରୀ, ୨୦୧୧

# ଶିଶୁ ସୁରକ୍ଷା ପାଇଁ ପ୍ରତିଷ୍ଠା ହେଲା ଆଶ୍ରୟସ୍ଥଳୀ

ଭୁବନେଶ୍ୱର, ୨୩।୨ (ନ.ବ୍ୟୁ): ପ୍ରାକୃତିକ ବିପର୍ଯ୍ୟୟ ବିଶେଷ କରି ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ସମୟରେ ଶିଶୁମାନଙ୍କ ସୁରକ୍ଷା ଲାଗି ରାଜ୍ୟରେ ପ୍ରଥମ ଥର, ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳ ନିର୍ମାଣ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ଉପକୂଳ ଜିଲ୍ଲାର ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ ହେବ ।

ସ୍ୱେଚ୍ଛାସେବୀ ସଙ୍ଗଠନ ପିକକ୍, ସେଭ୍ ଦି ଚିଲ୍‌ଡ୍ରେନ, ସିଏସ୍‌ଓ ପାଟନର, ଆଇସିଆଇସିଆଇ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଜରୁରୀ ପରିସ୍ଥିତିରେ ଶିଶୁଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳାରେ ଏହି ସୂଚନା ଦିଆଯାଇଛି । ପିକକ୍‌ର ଅଧ୍ୟକ୍ଷା ପ୍ରଫେସର ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନୁରାଧା ମହାନ୍ତି, ପିକକ୍ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା, ରଞ୍ଜନ ମହାନ୍ତି, ସମ୍ପାଦକ ପିକକ୍, ୟୁନିସେଫର ଲକ୍ଷ୍ମୀନାରାୟଣ ନନ୍ଦ, ସେଭ୍ ଦି ଚିଲଡ୍ରେନର ଶଶାଙ୍କ ପାଢୀ ଓ ଶାନ୍ତାରାମ ନନ୍ଦ, ବିବିସିର ରାଜ୍ୟ ପ୍ରତିନିଧି ସନ୍ଦୀପ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁମାନେ ଅଧିକ ଅସୁରକ୍ଷିତ ହୋଇପଡନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଏହିଭଳି ସ୍ୱତନ୍ତ୍ର ଆଶ୍ରୟସ୍ଥଳର ଆବଶ୍ୟକତା ରହିଛି ।

ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି କହିଲେ ଯେ, ଯେକୌଣସି ବିପର୍ଯ୍ୟୟ ବା ଆପଦକାଳୀନ ପରିସ୍ଥିତିରେ ପିଲାମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇଦେବା ପାଇଁ ପରିବାରର ସ୍ତରରେ ଉଦ୍ୟମସହ ଆବଶ୍ୟକୀୟ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି । ପିଲାମାନଙ୍କ ଅଭିଭାବକ ଓ ଜନସାଧାରଣଙ୍କ ମନୋଭାବର ମଧ୍ୟ ପରିବର୍ତ୍ତନ ଆବଶ୍ୟକ ।

ଏଥିପାଇଁ ଗଣମାଧ୍ୟମ, ସରକାରୀ କଳ ଓ ସାମାଜିକ କର୍ମକର୍ତ୍ତାମାନେ ଏକାଠି ହୋଇ କାର୍ଯ୍ୟ କରିବା ଆବଶ୍ୟକ । ସେଭ୍ ଦି ଚିଲ୍‌ଡ୍ରେନର ଶ୍ରୀ ପାଢୀ କହିଥିଲେ ଯେ, ଶିଶୁଙ୍କ ସୁରକ୍ଷା ଲାଗି ସମଗ୍ର ଦେଶର ୩ଟି ରାଜ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ହେଲେ ଆମ ରାଜ୍ୟରେ ୨ଟି ଜିଲ୍ଲାରେ ଏହା ହାତକୁ ନିଆଯାଇଛି । ୟୁନିସେଫର ଶ୍ରୀ ନନ୍ଦ କହିଲେ ଯେ, ଜରୁରୀ ପରିସ୍ଥିତିରେ ଶିଶୁମାନେ ସାଧାରଣତଃ ଶ୍ରମିକ ପାଲଟିବା ସଙ୍ଗେ ସଙ୍ଗେ ଯୌନ ଶୋଷଣ ଓ ହିଂସାର ଶୀକାର ହୋଇଥାନ୍ତି । ଏହି ସମୟରେ ଦଲାଲମାନେ ଝିଅମାନଙ୍କୁ ଚାଲାଣ ମଧ୍ୟ କରିଥାନ୍ତି । ତେଣୁ ବିପର୍ଯ୍ୟୟ ସମୟରେ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ । ବିବିସିର ରାଜ୍ୟ ପ୍ରତିନିଧି ଶ୍ରୀ ସାହୁ ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କ ଦୟନୀୟ ସ୍ଥିତି ଓ ସେମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ପରିଶେଷରେ ଆଦରମଣି ବରାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।